# NATIONAL NEWS BULLETIN (ODIA)

## 2 October - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସ୍ୱଚ୍ଛତାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।
- ପ୍ରଧାନମନ୍ତ୍ରୀ ଆଜି ଝାଡ଼ଖଣ୍ଡର ହଜାରିବାଗ୍‌ରେ ୮୩ ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର କଲେ ଶିଳାନ୍ୟାସ ଓ ଲୋକାର୍ପଣ ।
- ସ୍ୱଚ୍ଛ ଭାରତ ମିଶନ୍ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଭୂମିକାକୁ ପ୍ରଶଂସା କଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ।
- ୟୁକ୍ରେନ୍‌ର ପୂର୍ବ ବୁହଲେଦର୍ ସହରକୁ ଅକ୍ତିଆର କଲା ରୁଷ ସେନା ।

ଏବଂ

- ଶାରଜାରେ ଆଇସିସି ମହିଳା ଟି-୨୦ ବିଶ୍ୱକପର ନବମ ସଂସ୍କରଣ ଆରମ୍ଭ ହେବ ଆସନ୍ତାକାଲି।

– ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୪ ତାରିଖରେ ଖେଳିବ ପ୍ରଥମ ମ୍ୟାଚ୍ ।

# ପିଏମ୍- ସ୍ୱଚ୍ଛତା ହିଁ ସେବା

ସ୍ୱଚ୍ଛତା ପ୍ରତି ପ୍ରତିଶ୍ରୁତିବଦ୍ଧ ହୋଇ ତାହାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ସଂକଳ୍ପ ନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି। ଆଜି ଗାନ୍ଧୀ ଜୟନ୍ତୀ ଅବସରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱଚ୍ଛ ଭାରତ ଦିବସ-୨୦୨୪ ସମାରୋହରେ ଯୋଗଦେଇ ସେ ଏହା କହିଛନ୍ତି। ସ୍ୱଚ୍ଛ ଭାରତ ମିଶନର ୧୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ସ୍ୱଚ୍ଛତା ହିଁ ସେବା ୨୦୨୪' କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ସ୍ୱଚ୍ଛ ଭାରତ ହାସଲ ପାଇଁ ନିରନ୍ତର ପ୍ରୟାସ ଜରୁରୀ। ସ୍ୱଚ୍ଛତାକୁ ଜନ ଆନ୍ଦୋଳନରେ ପରିଣତ କରିଥିବାରୁ ୧୪୦ କୋଟି ଭାରତୀୟଙ୍କ ଦୃଢ଼ ମନୋବଳକୁ ସେ ପ୍ରଶଂସା କରିବା ସହ ସ୍ୱଚ୍ଛ ଭାରତ ଅଭିଯାନର ସଫଳତାରେ ସମସ୍ତଙ୍କ ଅବଦାନ ରହିଛି ବୋଲି ସେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଆଜି ବିଶ୍ୱର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅଭିଯାନରେ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଅନ୍ୟ ପ୍ରତିନିଧି ମାନେ ସାମିଲ ହୋଇଛନ୍ତି।

# ପ୍ରଧାନମନ୍ତ୍ରୀ-ଝାଡ଼ଖଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନିକିଆ ଝାଡ଼ଖଣ୍ଡ ଗସ୍ତରେ ଯାଇ ହଜାରିବାଗ୍ ଠାରେ ୮୩ ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ସେଥିମଧ୍ୟରେ 'ଧର୍ତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି । ୭୯ ହଜାର ୧୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ୬୩ ହଜାର ଗ୍ରାମର ୫ କୋଟିରୁ ଊର୍ଦ୍ଧ୍ୱ ଜନଜାତି ବର୍ଗର ଲୋକ ଉପକୃତ ହୋଇପାରିବେ । ଏହି ଯୋଜନା ଦେଶର ୫୪୯ଟି ଜିଲ୍ଲା ଅନ୍ତର୍ଗତ ୨ହଜାର ୭୪୦ଟି ବ୍ଲକ୍‌ରେ କାର୍ଯ୍ୟକାରୀ କରାଯାଉଛି ।

ଏହାଛଡ଼ା ବିନୋବାଭାବେ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ୪୦ଟି ଏକଲବ୍ୟ ବିଦ୍ୟାଳୟର ଉଦ୍‌ଘାଟନ ସହ ୨୫ଟିର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଝାଡ଼ଖଣ୍ଡରେ ଆଦିବାସୀ ସମ୍ପ୍ରଦାୟମାନଙ୍କର ଗ୍ରାମୀଣ ଭିତ୍ତିଭୂମିର ବିକାଶରେ ଏହି ବିବିଧ ପ୍ରକଳ୍ପ ଗୁଡ଼ିକ ସେମାନଙ୍କୁ ଅନେକ କ୍ଷେତ୍ରରେ ସହାୟତା ପ୍ରଦାନ କରିବ । ଶ୍ରୀ ମୋଦୀ କହିଛନ୍ତି, ଦେଶରେ ଥିବା ଆଦିବାସୀମାନଙ୍କର ସଶକ୍ତିକରଣ ଏବଂ ବିକାଶ କରାନଗଲେ ବିକଶିତ ଭାରତ ସ୍ୱପ୍ନକୁ ସାକାର କରାଯାଇପାରିବ

ନାହିଁ । ଏହି ପ୍ରକଳ୍ପ ଗୁଡ଼ିକ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ୫ କୋଟି ଆଦିବାସୀ ଲୋକମାନେ ଉପକୃତ ହେବେ । ଆଦିବାସୀମାନଙ୍କର କଲ୍ୟାଣ କରିବା ସରକାରଙ୍କର ପ୍ରାଥମିକ ପ୍ରତିବଦ୍ଧତା ବୋଲି ସେ କହିଛନ୍ତି ।

## ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇହୁଦି ନବବର୍ଷ ରୋସ୍ ହସାନା ପାଳନ ଅବସରରେ ଇହୁଦି ସମ୍ପ୍ରଦାୟର ଭାଇଭଉଣୀମାନଙ୍କୁ ଶୁଭକାମନା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଇସ୍ରାଏଲ୍ ରାଷ୍ଟ୍ରପତି ଇଶାକ୍ ହର୍‌ଜୋଗ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଶ୍ୱର ସମସ୍ତ ଇହୁଦି ସମୁଦାୟଙ୍କୁ ଶୁଭକାମନା ଜଣାଇଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍‌ୟାହୁଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ ଏହି ନବବର୍ଷ ସମସ୍ତଙ୍କ ଜୀବନରେ ଶାନ୍ତି, ଆଶା ଏବଂ ସମୃଦ୍ଧି ଆଣିଦେଉ ବୋଲି କାମନା କରିଛନ୍ତି ।

# ପ୍ରଧାନମନ୍ତ୍ରୀ-ଇ-ଅକ୍‌ସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଇଥିବା ଉପହାର ଗୁଡ଼ିକର ଇ-ନିଲାମି ପ୍ରକ୍ରିୟା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପ୍ରଥମେ ଏହା ଗତମାସ ୧୭ ତାରିଖରୁ ଆରମ୍ଭ ହୋଇ ଆଜି ଶେଷ ହେବାର ଥିଲା । ଚଳିତ ବର୍ଷ ଏହା ଷଷ୍ଠ ଇ-ନିଲାମି ପ୍ରକ୍ରିୟା ବୋଲି ଜଣାପଡ଼ିଛି । ଏହି ଇ-ନିଲାମି ପ୍ରକ୍ରିୟାରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ ହେବା ପାଇଁ ସରକାର ଆହ୍ୱାନ କରିଛନ୍ତି ।

ସୂଚନା ଯୋଗ୍ୟ ଏଥିରୁ ସଂଗ୍ରହ ହେଉଥିବା ଅର୍ଥ ନମାମିଗଙ୍ଗେ ପାଣ୍ଠିରେ ବିନିଯୋଗ ହୋଇଥାଏ । ଏହି ଇ-ନିଲାମି ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଥିବା ବ୍ୟକ୍ତିମାନେ ଅଫିସିଆଲ୍ ୱେବ୍‌ସାଇଟ୍ **pmmementos.gov.in**ରେ ଲଗ୍‌ଇନ୍ କରିପାରିବେ । ପାଖାପାଖି ୬୦୦ ଉପହାର ଏହି ଇ-ନିଲାମି ପ୍ରକ୍ରିୟାରେ ସାମିଲ କରାଯାଇଛି । ଯେଉଁଥିରେ ବିଶିଷ୍ଟ କଳାକୃତି, ମନ୍ଦିର ମଡେଲ୍, ହିନ୍ଦୁ ଦେବାଦେବୀ ଏବଂ ପାରାଅଲିମ୍ପିକ୍‌ର ଜୋତା ଗୁଡ଼ିକ ସାମିଲ କରାଯାଇଛି ।

# ଡବ୍ଲ୍ୟୁ.ଏଚ୍.ଓ.-ସ୍ୱଚ୍ଛ ଭାରତ ମିଶନ୍

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁ.ଏଚ୍.ଓ.ର ମହାନିର୍ଦ୍ଦେଶକ ଟେଡ୍ରସ୍ ଆଧାନମ୍ ଘେବ୍ରିଏସୁସନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିଛନ୍ତି । ସ୍ୱଚ୍ଛ ଭାରତ ମିଶନ୍ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କର ମହତ୍ୱପୂର୍ଣ୍ଣ ଭୂମିକାକୁ ସେ ଉଲ୍ଲେଖନୀୟ ବୋଲି କହିଛନ୍ତି । ସେ କହିଛନ୍ତି, ସ୍ୱଚ୍ଛ ଭାରତ ମିଶନ୍ ସ୍ୱଚ୍ଛ ଏବଂ ସ୍ୱାସ୍ଥ୍ୟ ରାଷ୍ଟ୍ରର ସ୍ଥାପନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । କେନ୍ଦ୍ର ସରକାର ଗ୍ରାମୀଣ ଏବଂ ପଛୁଆବର୍ଗଙ୍କ କ୍ଷେତ୍ରରେ ସ୍ୱଚ୍ଛତା ଆଣିବାରେ ପ୍ରାଥମିକତା ଦେଉଛି ବୋଲି ସେ କହିଛନ୍ତି । ଏଥିରେ ସ୍ଥାନୀୟ ନେତାମାନଙ୍କର ଭୂମିକାକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି । କେନ୍ଦ୍ର ସରକାର ଏହି ସ୍ୱଚ୍ଛତା ମିଶନ୍‌ର ପ୍ରଗତିକୁ ଅନୁଧ୍ୟାନ କରିବା ପାଇଁ ଯେଉଁ ତଥ୍ୟ ସଂଗୃହିତ କରିଛନ୍ତି ତାହା ଅତ୍ୟନ୍ତ ଉପଯୋଗୀ ବୋଲି ସେ କହିଛନ୍ତି । ଏହି ଅଭିଯାନ ଫଳରେ ଗ୍ରାମୀଣ ଏବଂ ସହର ସ୍ତରରେ ସାର୍ବଜନୀକ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାରେ ସୁଧାର ଆସିବା ସହ ଡାଇରିଆ ଏବଂ କୁପୋଷଣ ଦ୍ୱାରା ଦେଖାଯାଉଥିବା ରୋଗଗୁଡ଼ିକର ଦୂରୀକରଣ କରାଯାଇ ଲୋକମାନଙ୍କର ଜୀବନରକ୍ଷା କରିବା ସମ୍ଭବପର ହୋଇଛି ବୋଲି ଡବ୍ଲ୍ୟୁ.ଏଚ୍.ଓ. କହିଛି ।

## ବିହାର-ହେଲିକପ୍ଟର

ବିହାର ବନ୍ୟାର ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଭାରତୀୟ ବାୟୁସେନାର ଏକ ହେଲିକପ୍ଟର ଯାନ୍ତ୍ରୀକ ତ୍ରୁଟି ଦେଖାଯିବାରୁ ମୁଜାଫରପୁର ଜିଲ୍ଲାର ଔରାଇ ଅଞ୍ଚଳରେ ଜରୁରୀକାଳୀନ ଅବତରଣ କରିଛି । ମୁଜାଫରପୁର ବରିଷ୍ଠ ଏସ୍.ପି. ରାକେଶ କୁମାର ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ କହିଛନ୍ତି, ଏଥିରେ ଥିବା ପାଇଲଟ ଏବଂ ଚାରି ଜଣ କର୍ମଚାରୀ ନିରାପଦରେ ଅବତରଣ କରିଛନ୍ତି । ଏହି ହେଲିକପ୍ଟରଟି ସୀତାମାରି ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ନେଇ ଯାଉଥିବା ବେଳେ ଏଥିରେ ତ୍ରୁଟି ଦେଖାଦେଇଥିଲା ।

## ୱାର୍ଲ୍ଡ ଗ୍ରୀନ୍ ଇକୋନମିକ୍ ଫୋରମ୍

ଦୁବାଇରେ ଆଜି ବିଶ୍ୱ ସବୁଜ ଅର୍ଥ ବ୍ୟବସ୍ଥା ଫୋରମ୍‌ର ଶୁଭାରମ୍ଭ ହୋଇଛି । ବିଶ୍ୱରେ ଦେଖାଦେଇଥିବା ପରିବେଶ ପ୍ରଦୂଷଣ ସମସ୍ୟାର କିପରି ମୁକାବିଲା କରାଯାଇ ପାରିବ ସେ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା । ସଂଯୁକ୍ତ ଆରବ ଏମିରେଟ୍‌ସ୍ ୟୁ.ଏ.ଇ.ର ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ସରିତ୍ ଉଲ୍

ମକ୍ତୁମ୍ଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ଏହି ଆଲୋଚନାର ଶୀର୍ଷକ **'Empowering Global Action : Unlocking Opportunities and Advancing Progess'** ରହିଥିଲା । ଏହି ଆଲୋଚନାଚକ୍ରରେ  ବିଶ୍ୱରେ ଦେଖାଯାଉଥିବା ଜଳବାୟୁ ପରିବର୍ତ୍ତନକୁ ଅନ୍ତରାଷ୍ଟ୍ରୀୟ ସହଯୋଗ ଏବଂ ଏହାର ଅଭିନବ ସମାଧାନ ତଥା ସ୍ଥିରତା ଉପରେ ଚର୍ଚ୍ଚା କରାଯାଇଛି ।

## ମହାରାଷ୍ଟ୍ର-ଟ୍ରିବୁଟ୍

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍ ଓ ଅଜିତ୍ ପାୱାର୍ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଜୟନ୍ତୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର କ୍ୟାବିନେଟ୍‌ର ବିଭିନ୍ନ ମନ୍ତ୍ରୀଗଣ ଉପସ୍ଥିତ ଥିଲେ । ବିଧାନ ଭବନରେ ଅନୁଷ୍ଠିତ ଏହି ଗାନ୍ଧି ଜୟନ୍ତୀ ସମାରୋହରେ ବିଧାନ ପରିଷଦର ଉପାଧ୍ୟକ୍ଷ ଡକ୍ଟର ନିଲମ୍ ଘୋରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ୟୁକ୍ରେନ୍-ରୁଷ

ୟୁକ୍ରେନ୍‌ର ପୂର୍ବ ବୁହଲେଦର୍ ସହରକୁ ରୁଷ ସେନା ନିଜ ଅକ୍ତିଆରକୁ ନେଇଛି । ତେବେ ଅଢ଼େଇ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ୟୁକ୍ରେନ୍ ସେନା ଏହି ସହରକୁ ନିଜ ନିୟନ୍ତ୍ରଣରେ ରଖିବାକୁ ସକ୍ଷମ ହୋଇଥିଲା । ୟୁକ୍ରେନ୍ ପୂର୍ବ ସାମରିକ କମାଣ୍ଡ ସୂଚନା ଅନୁସାରେ ରୁଷ ସେନା ଅକ୍ତିଆର କରିଥିବା ବୁହଲେଦର୍ ସହରକୁ ସେମାନେ ପୁନଃ ଦଖଲ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଅପରପକ୍ଷରେ ଗତ ଦୁଇ ବର୍ଷ ଧରି ରୁଷ ସେନା ମଧ୍ୟ ଏହି ସହରକୁ ନିଜ ଅକ୍ତିଆରକୁ ନେବା ପାଇଁ ପ୍ରୟାସ ଜାରି ରଖିଥିଲା ।

## ୟୁପି-ବ୍ଲାଷ୍ଟ

ଉତ୍ତରପ୍ରଦେଶର ବାରେଲି ଜିଲ୍ଲାରେ ଏକ ବେଆଇନ୍ ବାଣ କାରଖାନାରେ ବିସ୍ଫୋରଣ ଘଟି ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ କେତେଜଣ ଆହତ ହୋଇଛନ୍ତି । ଆଜି ଅପରାହ୍ଣରେ ଘଟିଥିବା ଏହି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଏଥିରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କର ଚିକିତ୍ସା ଦାୟିତ୍ୱ

ସରକାର ବହନ କରିବେ ବୋଲି କହିଛନ୍ତି । ଏହି ଦୁର୍ଘଟଣାରେ ୮ଟି ଘର ଜଳିପୋଡ଼ି ନଷ୍ଟ ହୋଇଛି । ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଇଣ୍ଡିଆ-କାମ୍ବୋଡ଼ିଆ

କାମ୍ବୋଡ଼ିଆରେ ନିଯୁକ୍ତି ପାଇବା ପାଇଁ ନକଲି ଏଜେଣ୍ଟ ହାବୁଡ଼ରେ ପଡ଼ି ସାଇବର ଅପରାଧରେ ଅଟକ ଥିବା ୬୭ ଜଣ ଭାରତୀୟ ମୁକ୍ତି ପାଇଛନ୍ତି । କାମ୍ବୋଡ଼ିଆର ନୋମ୍ ଫେହ୍ନ ଠାରେ ଥିବା ଏହି ଭାରତୀୟମାନଙ୍କୁ ଭାରତୀୟ ଦୂତାବାସ ଏବଂ କାମ୍ବୋଡ଼ିଆ ପୁଲିସ୍ ସ୍ୱଦେଶ ପଠାଇବାକୁ ବ୍ୟବସ୍ଥା କରିଛି ।  ତେବେ ଗତ ୩୦ ତାରିଖରେ ୧୫ ଜଣ ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିଥିବା ବେଳେ ଗତକାଲି ୨୪ ଜଣ ଭାରତୀ ସ୍ୱଦେଶ ଫେରିବା ଆରମ୍ଭ କରିଛନ୍ତି । ତେବେ ଅନ୍ୟ ୨୮ ଜଣ ଆଗାମୀ କିଛି ଦିନ ମଧ୍ୟରେ ଭାରତ ଫେରିବେ ବୋଲି ସୂଚନା ମିଳିଛି । କାମ୍ବୋଡ଼ିଆ ସରକାର  କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି, ଭାରତୀୟମାନେ ଏଠାରେ ନିଯୁକ୍ତି ଖୋଜିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ । ଦୂତାବାସ ପକ୍ଷରୁ କୁହାଯାଇଛି,

ଅନ୍ୟ କେହି ଭାରତୀୟ ଏଠାରୁ ସ୍ୱଦେଶ ଫେରିବା ପାଇଁ ଚାହାନ୍ତି ତେବେ ସେମାନେ ଏକ ଜରୁରୀକାଳୀନ ଟେଲିଫୋନ୍ ନମ୍ବର +୮୫୫୯୨୮୮୧୬୭୬ରେ ଯୋଗାଯୋଗ କରିବେ ଏବଂ ଇମେଲ୍ ଆଇଡି **cons.phnompenh@mea.gov.in** ଏବଂ **visa.phnompenh@mea.gov.in**ରେ ପୋଷ୍ଟ କରିବେ ।

## ଆଇସିସି-ଓ୍ୱମେନ୍ କ୍ରିକେଟ

ଆଇସିସି ମହିଳା ଟି-୨୦ ବିଶ୍ୱକପର ନବମ ସଂସ୍କରଣ ଆସନ୍ତାକାଲିଠାରୁ ୟୁଏଇର ଶାରଜାରେ ଆରମ୍ଭ ହେବ। ଚଳିତ ମାସ ୪ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ତା'ର ପ୍ରଥମ ମ୍ୟାଚ୍ ଖେଳିବ। ଅକ୍ଟୋବର ୩ରୁ ୨୦ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ।

ଗ୍ରୁପ୍ ଏ'ରେ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଶ୍ରୀଲଙ୍କା ସହ ରହିଛନ୍ତି। ସେହିପରି ଗ୍ରୁପ୍ ବିରେ ବାଂଲାଦେଶ, ଇଂଲଣ୍ଡ, ସ୍କଟଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ରହିଛନ୍ତି।